ପାଠ-୬

# କହିଲ ଦେଖି

## STUDY NOTES

ପିଲାମାନେ ତୁମେମାନେ ସମସ୍ତେ ଗୋଟେ ଗୋଟେ ପରିବାର ଭିତରୁ ଆସିଛ। ସେମାନଙ୍କ ଭିତରୁ କାହାକୁ ତମେ ଜେଜେ ବାପା, ଜେଜେ ମା, ବାପା, ମା, ଦାଦା, ଖୁଡ଼ୀ, ମଉସା, ମାଉସୀ, ଭାଇ ଓ ଭଉଣୀ ଏମିତି କେତେ କ'ଣ ଡାକୁଥିବ। ସମସ୍ତେ ଆମେ ମିଳିମିଶି ଗୋଟେ ପରିବାର ଭିତରେ ରୁହେ।



**୧. ପ୍ରଶ୍ନ ପଢ଼ି ଉତ୍ତର ଲେଖ।**

କ) ତୁମ ପରିବାର ଭିତରେ ରହିବାକୁ ଭଲପାଅ ?

ଉ: ଆମେମାନେ ପରିବାର ଭିତରେ ରହିବାକୁ ଭଲପାଉ।

ଖ) ତୁମ ପରିବାରରେ କେତେଜଣ ମିଳିମିଶି ରୁହ ?

ଉ: ମୁଁ ମୋ ପରିବାରରେ ୫ଜଣ ସଦସ୍ୟଙ୍କ ସହ ରୁହେ।

ଆଛା, ପିଲାମାନେ ତୁମେ ପରିବାର ଭିତରେ ରହୁଛ କିନ୍ତୁ ଜାଣିଚ଼ ଆମର ଗୋଟିଏ ସୁନ୍ଦର ବିଷୟଟି ଅଛି; ବିଷୟଟିର ନାମ 'କହିଲ ଦେଖି' ପାଠ-୬। ସେଥିରେ ଭାରି ମଜାଳିଆ ପ୍ରଶ୍ନ ଜେଜେ ବାପା ଜଣଙ୍କ ତୁମମାନଙ୍କ ଭଳି ପିଲାମାନଙ୍କୁ ପରିବାରରେ କିଏ ତୁମର କ'ଣ ହେବ, ବୁଲେଇ ବାଙ୍କେଇ ପଚାରୁଛନ୍ତି।

୨. କ) କିଏ ପ୍ରଶ୍ନ ପଚାରୁଛନ୍ତି ?

ଉ: ଜେଜେ ପ୍ରଶ୍ନ ପଚାରୁଛନ୍ତି।

ଖ) କେଉଁ ବିଷୟରେ ଜେଜେ ପ୍ରଶ୍ନ ପଚାରୁଛନ୍ତି ?

ଗ) 'କହିଲ ଦେଖି' ପାଠ-୬ ବିଷୟରେ ଜେଜେ ପ୍ରଶ୍ନ ପଚାରୁଛନ୍ତି।

ଚାଲ ତାହାହେଲେ ପିଲାମାନେ ଆମେ ମଧ୍ୟ ପ୍ରତ୍ୟେକ ପ୍ରଶ୍ନ ଯେଉଁଗୁଡ଼ିକ ଜେଜେ ପଚାରୁଛନ୍ତି, ତାକୁ ଶୁଣିବା ଏବଂ ଉତ୍ତର ବଡ଼ ବଡ଼ ପାଟିରେ ଉତ୍ତର ଦେବା। ପ୍ରଶ୍ନ ଭାରି ମଜାଳିଆ।

ପାକୁଆ ପାଟି ଧଳା ବାଳ
ରୀମା ଓ ସୀମା ମୋର ପୁଅର ଝିଅ
କହିଲ ପିଲାମାନେ ରୀମା, ସୀମା
ସେହି ପାକୁଆ ପାଟି ଲୋକଙ୍କୁ କ'ଣ ଡାକିବେ ?

କୁହ ପିଲାମାନେ କୁହ କ'ଣ ଡାକିବେ ?

ମୁଁ କହିବି କି ? ସେମାନେ ପାକୁଆ ପାଟିଙ୍କୁ ଜେଜେ ଡାକିବେ। ଭାରି ମଜାଳିଆ ପ୍ରଶ୍ନ।

**୩. ଠିକ୍ ଉତ୍ତରକୁ (✓) ଓ ଭୁଲ୍ ଉତ୍ତରକୁ (✕) ଦିଅ।**

କ) ଜେଜେ ପ୍ରଶ୍ନ ପଚାରୁଥିଲେ। (✓)

ଖ) ରୀମା ଓ ସୀମା ସେହି ପାକୁଆ ପାଟିଙ୍କୁ ବାପା ଡାକିବେ। (✕)





ମନ ଦେଇକି ଶୁଣ ପିଲାମାନେ ଆଉ ଗୋଟିଏ ପ୍ରଶ୍ନ ।

ରୀମା ଓ ସୀମାକୁ ଜେଜେ ଡାକିକି ପଚାରିଲେ

ଧରମା ତମର ବାପାର ଭାଇ

ତାହା ହେଲେ ତୁମେ କ'ଣ ଡାକିବ ଧରମାକୁ ?

କୁହ ପିଲାମାନେ କୁହ ଏଥର କୁହ ଧରମାକୁ କ'ଣ ଡାକିବେ ?

ଠିକ୍ ପିଲାମାନେ କହିଛ ରୀମା ଓ ସୀମା ତାକୁ ଦାଦା ଡାକିବେ । ବହୁତ ବଢ଼ିଆ ।

**୪. ଲିଙ୍ଗ ପରିବର୍ତ୍ତନ କର ।**

କ) ଦାଦା - ଖୁଡ଼ୀ

ଖ) ଅଜା - ଆଈ

ଗ) ଜେଜେ ବାପା - ଜେଜେ ମା

ପୁଣି ଗୋଟିଏ ପ୍ରଶ୍ନ ପିଲାମାନେ ଜେଜେ ପଚାରିଲେ-

ଜନମ ଦେଇଛି ଯିଏ ତୁମକୁ

କ'ଣ କହି ଡାକିବ ତୁମେମାନେ ତାକୁ ।

ବହୁତ ବଢ଼ିଆ ପିଲାମାନେ ତୁମ ଉତ୍ତରଟି ଠିକ୍ ।

ତୁମେମାନେ ତାଙ୍କୁ ମା' ବୋଲି ଡାକିବ ।

ODM EDUCATIONAL GROUP Changing your Tomorrow

**୫. ପ୍ରଶ୍ନ ପଢ଼ି ଉତ୍ତର ଲେଖ।**

କ) ତୁମକୁ କିଏ ଜନମ ଦେଇଛନ୍ତି ?

ଉ: ମା' ଆମକୁ ଜନମ ଦେଇଛନ୍ତି।

ଖ) ମା' ତୁମ ପାଇଁ ବଜାର ଗଲେ କ'ଣ ଆଣନ୍ତି ?

ଉ: ମା' ଆମ ପାଇଁ ବଜାର ଗଲେ ପୋଷାକ ଆଣନ୍ତି।

ଜେଜେଙ୍କର ପ୍ରଶ୍ନ ପେଡ଼ିରୁ ପ୍ରଶ୍ନ ଶେଷ ହୋଇଛି ପିଲାମାନେ। ଜେଜେ ମା' ଆଉ ଗୋଟିଏ ପ୍ରଶ୍ନ ପଚାରିଲେ-

ତୁମର ମାଆର ଭଉଣୀ ଓ ମାଆର ଭାଇଙ୍କୁ
ତୁମେମାନେ କ'ଣ ଡାକିବ ?

ମୁଁ କହୁଛି ପିଲାମାନେ ମାଆର ଭଉଣୀଙ୍କୁ ମାଉସୀ ଓ ମାଆର ଭାଇଙ୍କୁ ମାମୁଁ ବୋଲି ଆମେ ଡାକିବା।

**୬. 'କ' ଘର ସହ 'ଖ' ଘର ମିଶାଅ।**

| 'କ' ଘର | 'ଖ' ଘର |
|---|---|
| ମା'ଙ୍କ ବାପା | ଦାଦା |
| ମା'ଙ୍କ ଭାଇ | ଜେଜେ |
| ବାପାଙ୍କ ବାପା | ମାମୁଁ |
| ବାପାଙ୍କ ଭାଇ | ଅଜା |



ଆଚ୍ଛା ପିଲାମାନେ କେତେ ମଜାଳିଆ ଗୀତଟିଏ। ଗୀତ ଶୁଣିବା ସହ ଆମେମାନେ ଗୋଲକଧନ୍ଦା ପରି କେତେ ସବୁ ମଜାଳିଆ ପ୍ରଶ୍ନର ଉତ୍ତର ଦେଲେ।

♦♦♦